## ୧୧ରୁ ନୂଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସାହିତ୍ୟୋତ୍ସବ-୨୦୨୪

# ଯୋଗଦେବେ ୧୭୫ ଭାଷାର ୧୧ ଶହ ଲେଖକ

- ଓଡ଼ିଶାରୁ ସାମିଲ ହେବେ ୫୦ରୁ ଅଧିକ ଲେଖକ
- ଦିଆଯିବ ଏକାଡେମୀ ପୁରସ୍କାର-୨୦୨୩
- ସମ୍ବତ୍ସର ବକ୍ତୃତା ପ୍ରଦାନ କରିବେ ପ୍ରଖ୍ୟାତ କବି ଗୁଲ୍‌ଜାର

ଭୁବନେଶ୍ୱର,୮।୩(ବ୍ୟୁରୋ): ଚଳିତ ବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି କେନ୍ଦ୍ର ସାହିତ୍ୟ ଏକାଡେମୀ। ଏହି ଅବସରରେ ନୂଆଦିଲ୍ଲୀର ଫିରୋଜଶାହ ମାର୍ଗ ରବୀନ୍ଦ୍ର ଭବନ ପରିସରରେ ମହାସମାରୋହରେ ଆୟୋଜିତ ହେଉଛି ଏକାଡେମୀର ବାର୍ଷିକ ଉତ୍ସବ ସାହିତ୍ୟୋତ୍ସବ-୨୦୨୪। ଏହା ବିଶ୍ୱର ସର୍ବବୃହତ୍ ସାହିତ୍ୟ ଉତ୍ସବ ଭାବରେ ପରିଗଣିତ ହେବ ବୋଲି କୁହାଯାଉଛି। ଏକାଡେମୀର ସଚିବ ଡ. କେ. ଶ୍ରୀନିବାସରାଓ ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି ଯେ, କାର୍ଯ୍ୟକ୍ରମ ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହେବ। ୧୭୫ଟି ଭାଷାର ୧୧ ଶହରୁ ଅଧିକ ଲେଖକ, ଲେଖିକା ଯୋଗ ଦେବେ। ଓଡ଼ିଶାରୁ ୫୦ରୁ ଅଧିକ ସଂଖ୍ୟକ ଲେଖକ, ଲେଖିକା ଯୋଗ ଦେଉଛନ୍ତି। ମୋଟ୍ ୧୯୦ଟି ଅଧିବେଶନରେ ବିଭିନ୍ନ ପ୍ରକାର ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନ ଏକାଡେମୀର କାର୍ଯ୍ୟକଳାପକୁ ନେଇ ପ୍ରଦର୍ଶନୀ ଉଦ୍‌ଘାଟିତ ହେବ। ୧୧ ମାର୍ଚ୍ଚରେ ଏକାଡେମୀର ମହତ୍ତର ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ୧୨ ସନ୍ଧ୍ୟାରେ କମାନୀ ପ୍ରେକ୍ଷାଳୟରେ ୨୦୨୩ ମସିହାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବିଖ୍ୟାତ ଓଡ଼ିଆ ଔପନ୍ୟାସିକା ଡ. ପ୍ରତିଭା ରାୟ। ୧୩ ସନ୍ଧ୍ୟାରେ ମେଘଦୂତ ମୁକ୍ତାକାଶ ମଞ୍ଚରେ ସମ୍ବତ୍ସର ବକ୍ତୃତା ପ୍ରଦାନ କରିବେ ପ୍ରଖ୍ୟାତ କବି ଏବଂ ଗୀତିକାର ଗୁଲ୍‌ଜାର। ଏହା ବ୍ୟତୀତ ବହୁଭାଷୀ କବିତା ପାଠ, କ୍ଷୁଦ୍ରଗଳ୍ପ ପାଠ, ଯୁବ ସାହିତ୍ୟ, ଅସ୍ମିତା, ପୂର୍ବୋତ୍ତରୀ, ଭାରତୀୟ ଭକ୍ତି ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର, ଭାରତୀୟ ଶିଶୁ ସାହିତ୍ୟ, ମାତୃଭାଷାର ମହତ୍ତ୍ୱ, ଆଦିବାସୀ ଲେଖକ ସମ୍ମିଳନୀ, ଦିବ୍ୟାଙ୍ଗ ଓ ଏଲଜିବିଟିକିଉ ଲେଖକ ସମ୍ମିଳନୀ, ଭବିଷ୍ୟତର ଉପନ୍ୟାସ, ନାଟକ ଓ ସାଂସ୍କୃତିକ ପରିପ୍ରକାଶ ଅଧିବେଶନ ରହିଛି। ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହଜାରେରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, କୁଇଜ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଉତ୍ସବରେ କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍, ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ପଶ୍ଚିମବଙ୍ଗର ରାଜ୍ୟପାଳ ସିଭି ଆନନ୍ଦ ବୋଷ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେବେ ବୋଲି ଏକାଡେମୀ ସଚିବ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।